**ମହମବତି ଶୋଭାଯାତ୍ରା**

ନୟାଗଡ଼ ଅଫିସ,: ନୟାଗଡ଼ ସଦର ଥାନା ଯଦୁପୁରରେ ଘଟିଥିବା ୫ ବର୍ଷର ଝିଅ ପରୀ ହତ୍ୟାକାଣ୍ଡକୁ ଇତିମଧ୍ୟରେ ୨୩ ଦିନ ବିତିବାକୁ ବସିଛି। ହେଲେ ପୋଲିସ ହତ୍ୟାକାରୀଙ୍କ ଟେର ପାଉନି। ଗତ ୧୪ ତାରିଖରେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ପରୀକୁ କେହି ଅପହରଣ କରି ନେଇ ହତ୍ୟା କରିଥିବା ସନ୍ଦେହ ହୋଇଥିଲା। ହତ୍ୟାକାରୀଙ୍କୁ ଗିରଫ ଦାବିକରି ନୟାଗଡ ଦକ୍ଷିଣକାଳୀ ମନ୍ଦିର ନିକଟରେ ସମ୍ପର୍କୀୟମାନେ ବୁଧବାର ମହମବତୀ ଶୋଭାଯାତ୍ରା କରିଥିଲେ।

## ସଂକ୍ଷେପରେ

### ଅମାନିଆଙ୍କଠାରୁ ୨୪ ହଜାର ଜରିମାନା ଆଦାୟ

**ଖଣ୍ଡପଡ଼ା,୫।୮(ସ୍ୱ.ପ୍ର.):** କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସରକାର କେତେକ ନିୟମ ପାଳନ ପାଇଁ ଲୋକଙ୍କୁ ନିବେଦନ କରୁଛନ୍ତି। ଯେଉଁମାନେ ନିୟମ ନ ମାନିବେ ସେମାନଙ୍କଠାରୁ ଜରିମାନା ଆଦାୟ ବ୍ୟବସ୍ଥା କରିଛନ୍ତି। ଖଣ୍ଡପଡା ଅଞ୍ଚଳରେ କଟକଣା ନ ମାନି ବିବାହ ଉତ୍ସବରେ ମସ୍‌ଗୁଲ ରହିବା, ସାମାଜିକ ଦୂରତା ରକ୍ଷା ନ କରିବା, ମାସ୍କ ନ ପିନ୍ଧି ବାହାରେ ଏଣେତେଣେ ବୁଲାବୁଲି କରୁଥିବା ଅମାନିଆଙ୍କଠାରୁ ଖଣ୍ଡପଡା ପୋଲିସ ଜରିମାନା ବାବଦରେ ୨୪ ହଜାର ୩ଶହ ଟଙ୍କା ୧୦ ଦିନ ମଧ୍ୟରେ ଆଦାୟ କରିଥିବା ପୋଲିସ ଏସ୍‌ଆଇ ରାମଦାସ ବେଶ୍ରାଙ୍କଠାରୁ ପ୍ରକାଶ। ସମୟାନୁକ୍ରମେ ଆହୁରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ନିମ୍ନମାନର କଲ୍ୟାଣମଣ୍ଡପ କାର୍ଯ୍ୟକୁ ବିରୋଧ

**ନୟାଗଡ଼ ଅଫିସ,୫।୮:** ନୟାଗଡ଼ ବ୍ଲକ ସିନ୍ଦୂରିଆରେ ଚାଲିଥିବା କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏ ନେଇ ଗାଁ ଲୋକେ ବୁଧବାର ନୟାଗଡ଼ ବିଡିଓଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ କଲ୍ୟାଣମଣ୍ଡପର ନିଅଁ ଠିକ୍ ଖୋଳାଯାଇ ନାହିଁ କି ଆବଶ୍ୟକ ବାଲି ଓ ମେଟାଲ ଦିଆଯାଇ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଖୋଳା ଯାଉଥିବା ପୋଖରୀ ମାଟି ଆଣି କଲ୍ୟାଣମଣ୍ଡପ ପୋତା ଯାଉଛି। ସେହିପରି ମଝି କାନ୍ଥଗୁଡିକର ନିଅଁ ଖୋଳାଯାଇ ନାହିଁ। ପ୍ଲିନ୍ଥର ଢ଼ଲାଇ ଠିକ୍ କରାଯାଉ ନ ଥିବାରୁ କଲ୍ୟାଣମଣ୍ଡପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଅବଦୁଲ ଅହିମ୍‌ଙ୍କ ନେତୃତ୍ୱରେ ଗ୍ରାମବାସୀ ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ନୟାଗଡ଼ ଅଫିସ,୫।୮:** ବିଦ୍ୟୁତ୍ ଆଘାତରେ ବୁଧବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢ଼େଙ୍କାନାଳର ଅଜୟ ଦେହୁରି (୨୭)। ଅଜୟ ନୟାଗଡ଼ ବ୍ଲକର ଇଟାମାଟିରେ ବିଦ୍ୟୁତ୍ କାମ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଏ ନେଇ ଅଭିଯୋଗ ହୋଇ ନ ଥିଲେ ବି ପାଲିସ ଘଟଣାର ତଦନ୍ତ ଚାଲୁରଖିଛି।

### ୨୮୨ ଅଯୋଗ୍ୟ ଫେରାଇବେ କାଳିଆ ଟଙ୍କା

**ବାଲିଆ,୫।୮:** ବିରିଡି ବ୍ଲକର ୨୮୨ ଆଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସହାୟତା ପାଇଥିଲେ। ଏବେ ସେମାନେ ଏହି ଅର୍ଥ ସରକାରଙ୍କୁ ଫେରାଇବେ। ଏନେଇ ସେମାନଙ୍କୁ ବିରିଡି ବ୍ଲକ କୃଷି ବିଭାଗ ତରଫରୁ ନୋଟିସ କରାଯାଇଛି। ଜୁଲାଇ ଶେଷ ସପ୍ତାହରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଏବେ ଜାରିରହିଛି। ବ୍ଲକ ଅଧୀନ ବଡ଼ଖଣ୍ଡାଇତା ପଞ୍ଚାୟତର ଜଣେ ଚାଷୀ ମୋବାଇଲ ମେସେଜ ପାଇବା ପରେ ପାଇଥିବା ଅର୍ଥ ବ୍ୟାଙ୍କ ମାଧ୍ୟମରେ ଫେରାଇ ଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ବର୍ତ୍ତମାନ ମହାମାରୀ କରୋନା ଯୋଗୁ ଲୋକେ ରୋଜଗାର ହରାଇଛନ୍ତି। ଏହି ସମୟରେ ସେମାନେ କିପରି ଟଙ୍କା ଫେରାଇବେ ତାହା ଚିନ୍ତାର ବିଷୟ ହୋଇଛି। ଏପରି କି ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସରକାର ଆଉ କିଛି ଦିନ ସମୟ ଦିଅନ୍ତୁ ବୋଲି କେତେଜଣ ନିବେଦନ କରିଛନ୍ତି।

# ଇଫ୍‌କୋ କୃଷକ ବଜାରରେ ସାର କଳାବଜାର

**ରସୁଲପୁର, ୫।୮ (ଡି.ଏନ୍.ଏ.)**


ଇଫ୍‌କୋ କୃଷକ ବଜାର ଗୃହ।

**ରସୁଲପୁର ବ୍ଲକ**
- ସରକାରୀ ଦରରେ ଡିଲର ହାତଉଛନ୍ତି ୟୁରିଆ ସାର
- ବଜାରରୁ ଚଢ଼ା ଦାମ୍‌ରେ କିଣୁଛନ୍ତି ଚାଷୀ
- ଅନ୍‌ଲାଇନ୍ ସାଇଟ୍‌ରୁ ତଥ୍ୟ ମିଳୁନି, ବଢ଼ୁଛି ଅସନ୍ତୋଷ

ରସୁଲପୁର ବ୍ଲକ ଅଞ୍ଚଳରେ ୟୁରିଆ ସାରର ଅଭାବି ପରିଲକ୍ଷିତ ହୋଇଛି। ସାର ବଣ୍ଟନରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୁଆଖିଆ-ଜେନାପୁର ରୋଡ୍‌ର କୁରାଂଶଠାରେ ଥିବା ଇଫ୍‌କୋ କୃଷକ ବଜାରରେ ସାରର କଳାବଜାର କରାଯାଉଥିବାରୁ ଚାଷୀ ଆବଶ୍ୟକ ୟୁରିଆ ପାଇପାରୁନାହାନ୍ତି। ଫଳରେ ସେମାନେ ବାଧ୍ୟହୋଇ ବଜାରରୁ ଚଢ଼ାଦରରେ ସାର କିଣି ଚାଷ କାର୍ଯ୍ୟରେ ଲଗାଉଛନ୍ତି। ଇଫ୍‌କୋ କୃଷକ ବଜାରରୁ ସରକାରୀ ଦରରେ କେବଳ ଚାଷୀମାନେ ସାର କିଣିପାରିବାର ନିୟମ ରହିଛି। ହେଲେ କେତେଜଣ ଡିଲର, ବ୍ୟବସାୟୀଙ୍କୁ ଏଠାରୁ ସାର ବିକ୍ରି କରାଯାଉ ଥିବାରୁ ଚାଷୀମାନେ ସାର ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଏ ଦିଗରେ କମ୍ପାନୀ ପକ୍ଷରୁ ସାରର ସୁଷମ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଭୂମିକା ସନ୍ଦେହଘେରକୁ ଆସିଛି। ସେମାନଙ୍କଠାରୁ ମିଳୁଥିବା ସୂଚନା ଓ ମୋବାଇଲ ଫର୍ଟିଲାଇଜର ମ୍ୟାନେଜମେଣ୍ଟ ସିଷ୍ଟମ (ଏମ୍‌ଏଫ୍‌ଏମ୍‌ଏସ୍)ର ତଥ୍ୟ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଚାଷୀଙ୍କ ଅଭିଯୋଗରେ ସତ୍ୟତା ରହିଥିବା ବାରି ହୋଇପଡୁଛି।

ଖରିଫ ଋତୁରେ ଧାନ, ଆଖୁ ଓ ସାରୁ ଚାଷ ପାଇଁ ୟୁରିଆ ସାର ବ୍ୟାପକ ବ୍ୟବହାର ହୋଇଥାଏ। ତେବେ ଚାଷୀଙ୍କ ଚାହିଦାକୁ ଦେଖି କମ୍ପାନୀ ପକ୍ଷରୁ କୁରାଂଶଠାରେ ଇଫ୍‌କୋ କୃଷକ ବଜାର ଖୋଲାଯାଇଛି। ଉକ୍ତ ବଜାର ଜରିଆରେ ଚାଷୀମାନେ ସରକାରୀ ଦାମରେ ସାର କ୍ରୟ କରିପାରିବେ। ଚାଷୀମାନେ ଆଧାରକାର୍ଡ ଦେଇ ପିଓଏସ୍ (ପଏଣ୍ଟ ଅଫ୍ ସେଲ୍) ମେଶିନ ଜରିଆରେ ସାର ଉଠାଣ କରିପାରିବେ ବୋଲି ନିୟମ ରହିଛି। ହେଲେ କମ୍ପାନୀ ପକ୍ଷରୁ ଖୋଲାଯାଇଥିବା ବଜାରରେ ସାର ବିକ୍ରୟରେ ସ୍ୱଚ୍ଛତା ରହୁନାହିଁ। ଚାଷୀଙ୍କ ବଦଳରେ ଡିଲରମାନେ ସାର ହାତେଇବାକୁ ସକ୍ଷମ ହେଉଛନ୍ତି। ଏହା ଚାଷୀଙ୍କ ସ୍ୱାର୍ଥ ବିରୋଧୀ ବୋଲି କୁହାଯାଉଛି। ଏହାଛଡ଼ା ଖରିଫ ଚାଷ ପାଇଁ ଏପ୍ରିଲ ମାସରୁ ଏବେ ସୁଦ୍ଧା କେତେ ସାର କାରବାର ହୋଇଛି, ସେ ନେଇ ୱେବସାଇଟ୍‌ରେ ସ୍ପଷ୍ଟ ସୂଚନା ନ ମିଳିବାରୁ ସାଧାରଣରେ ସାର କଳାବଜାର ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ କମ୍ପାନୀ ପକ୍ଷରୁ ଜୁଲାଇ ୧୨ ତାରିଖରେ ଇଫ୍‌କୋ କୃଷକ ବଜାରକୁ ୮୪.୨୮୫ ମେଟ୍ରିକ୍ ଟନ୍, ୩୦ତାରିଖରେ ୩୩ ମେଟ୍ରିକ୍ ଟନ ସାର ମିଳିଥିବା ୱେବ୍‌ସାଇଟ୍‌ରେ ତଥ୍ୟ ରହିଛି। କିନ୍ତୁ କେଉଁ ଚାଷୀ କେତେ ସାର ନେଇଛନ୍ତି, ସେ ନେଇ ସାଇଟ୍‌ରେ ତଥ୍ୟ ନାହିଁ। ଏ ସମ୍ପର୍କରେ ଇଫ୍‌କୋ ବଜାର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ସବ୍ୟସାଚୀ ମହାପାତ୍ରଙ୍କୁ ପଚାରିବାରେ ସେ ଗତ ୩୦ ତାରିଖରେ ୩୦ ମେଟ୍ରିକ୍ ଟନ୍ ସାର ରିସିଭ୍ କରିଥିବା କହିଛନ୍ତି। ଏହାଛଡ଼ା ଆମେ କାହାକୁ ସାର ଦେଲୁ, କେତେ ଦେଲୁ ସେଇଟା ଆଭ୍ୟନ୍ତରଣ ବ୍ୟାପାର। ସେ ସମ୍ପର୍କରେ ବାହାରେ ସୂଚନା ନ ଦେବାକୁ ତାଙ୍କୁ କମ୍ପାନୀ ପକ୍ଷରୁ ମନା କରାଯାଇଥିବା କହିଛନ୍ତି।

# କୁଆଁରିଆ ମୃଗବିହାରରେ ହ୍ରାସ ପାଉଛି ମୃଗ ସଂଖ୍ୟା


କୁଆଁରିଆସ୍ଥିତ ମୃଗବିହାର।

**ନୟାଗଡ଼ ଅଫିସ/ଦଶପଲ୍ଲା, ୫।୮(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଆଁରିଆ ମୃଗ ବିହାରରେ ମୃଗଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସ୍ଥାନ ଅଭାବରୁ ମୃଗ ବିଚରଣ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଦଶପଲ୍ଲାର ଜଣେ ସାମାଜିକ କର୍ମୀ ମୋ ସରକାର, ୫ଟି ସଚିବ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ୍ ହୋଇ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ସାଢ଼େ ୫ ଏକର ପରିମିତ ସ୍ଥାନରେ କୁଆଁରିଆ ମୃଗ ବିହାର ୨୩।୧।୧୯୮୫ରେ ଉଦ୍‌ଘାଟନ ହୋଇଥିଲା। ୨୦୧୨-୧୩ରେ ଏଠାରେ ୩୦୦ ମୃଗ ରହିଥିଲେ। ତେବେ ବର୍ତ୍ତମାନ ଏଠାରେ ୨୫୪ ମୃଗ ଅଛନ୍ତି। ହେଲେ ସ୍ଥାନ ଅଭାବରୁ ସ୍ୱାଭାବିକ ଭାବେ ଏମାନେ ବିଚରଣ କରିପାରୁ ନାହାନ୍ତି। ଏପରି କି ଦୌଡିବା ଲାଗି ମଧ୍ୟ ସୁବିଧା ପାଇ ନ ଥାନ୍ତି। ଏ ନେଇ ମୃଗ ବିହାର ଡ୍ୟାମ ରେଞ୍ଜର ରୁକୁଣ ବରିହା କୁହନ୍ତି, ସ୍ଥାନ ଅଭାବ ଥିବାବେଳେ ସଂଖ୍ୟା ବଢ଼ିଗଲେ ମୃଗଙ୍କୁ ରଖିବା କଷ୍ଟକର ହେବ। ଏଣୁ ଅଣ୍ଡିରା ଓ ମାଈ ମୃଗଙ୍କୁ ଅଲଗା କରି ରଖାଯାଉଛି। ଆବଶ୍ୟକତା ଅନୁସାରେ ବଂଶବିସ୍ତାର କରାଯାଉଛି। ଏ ନେଇ ବିଭାଗ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି।

# ସମବାୟ ସମିତି କାର୍ଯ୍ୟାଳୟ ଘେରିଲେ ଚାଷୀ


ସିଂହପୁର କୃଷି ସମବାୟ ସମିତି ଆଗରେ ଚାଷୀଙ୍କ ବିକ୍ଷୋଭ।

**ସିଂହପୁର, ୫।୮ (ଡି.ଏନ୍.ଏ.)**

**ବ୍ୟାଙ୍କ ଜମାଖାତକୁ ବୀମା ଟଙ୍କା ନ ଯିବା ପ୍ରସଙ୍ଗ**

ବୀମା ଟଙ୍କା ଚାଷୀଙ୍କ ଜମାଖାତାକୁ ନ ପଠାଯିବାରୁ ବୁଧବାର ବିଞ୍ଝାରପୁର ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ସିଂହପୁର କୃଷି ସମବାୟ ସମିତି ଘେରାଉ କରିଥିଲେ। ପୂର୍ବରୁ ଏ ନେଇ ସମବାୟ ସମିତି ସମ୍ପାଦକଙ୍କୁ ଦାବିପତ୍ର ଦିଆଯାଇଥିଲେ ବି କିଛି ସୁଫଳ ନ ମିଳିବାରୁ ଚାଷୀମାନେ ସମବାୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ବୀମା ଟଙ୍କା ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ଦିଆ ନ ଗଲେ ଆନ୍ଦୋଳନ ତୀବ୍ର ରୂପ ନେବ ଏବଂ ସମବାୟ ସମିତିକୁ ଅଚଳ କରି ଦିଆଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ଏକ ଦାବିପତ୍ର ସମିତି ସମ୍ପାଦକଙ୍କ ଜରିଆରେ ବିଞ୍ଝାରପୁର ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭରେ ଚାଷୀ ଗୋପାଳ ଚନ୍ଦ୍ର ପ୍ରଧାନ, ଭୀମସେନ ଖିଲାର, ଆଲୋକ ଦାସ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ମଲିକ, ପୂର୍ବତନ ସମିତି ସଭ୍ୟ ତ୍ରିଲୋଚନ ଥାଟୋଇ, ବୈଷ୍ଣବ ଚରଣ ସାମଲ, ଦିଗମ୍ବର ପାତ୍ର, ଅଭୟ ଦାସ, ଅମୂଲ୍ୟ ନାୟକ, ବିପିନ ବିହାରୀ ମଲିକ, ସୁଶାନ୍ତ ନାୟକ, ଧୀରେନ୍ଦ୍ର ବେଉରିଆଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।

# ଦୋକାନ ଖୋଲିବା ନିୟମରେ ପରିବର୍ତ୍ତନ

**ଜଗତ୍‌ସିଂହପୁର ଅଫିସ, ୫।୮**

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଜଗତ୍‌ସିଂହପୁର ଜିଲାରେ କେତେକ କ୍ଷେତ୍ରରେ କଟକଣା ଜାରି କରାଯାଇଛି। ଏପରି କି ଅନୁମତିପ୍ରାପ୍ତ ଦୋକାନଗୁଡିକ ସକାଳ ୭ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲାଯାଉଥିଲା। କିନ୍ତୁ ବୁଧବାର ଜିଲା ପ୍ରଶାସନ ତରଫରୁ ଏହି କଟକଣାକୁ କେତେକାଂଶରେ ସଂଶୋଧନ କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଶନିବାର ଓ ରବିବାର ସାପ୍ତାହିକ ଶଟ୍‌ଡାଉନ୍ କରା ନ ଯିବା ସହ ସବୁଦିନ ଅନୁମତିପ୍ରାପ୍ତ ବିଭିନ୍ନ ଦୋକାନ, ବଜାର ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ଅନୁମତି ଦିଆଯାଇଛି। କିନ୍ତୁ ଦୋକାନୀ ଓ ଗ୍ରହକମାନେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ହାତ ସାନିଟାଇଜ୍ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବ୍ୟବସାୟୀମାନେ ଏ ବାବଦରେ ଅଧିକ ସାବଧାନତା ଅବଲମ୍ବନ କରିବାକୁ କୁହାଯାଇଛି।

# ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ନୟାଗଡ଼ ଅଫିସ,୫।୮**

ଅଜଣା ଗାଡି ଧକ୍କାରେ ଇଟାମାଟି ଥାନା ଲାଠିପଡାର ଜଣେ ବ୍ୟକ୍ତିଙ୍କର ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଶ୍ୟାମ ପଣ୍ଡିତ(୭୨)। ଶ୍ୟାମ ଚାଲି ଚାଲି ଯାଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବର୍ଷା ଯୋଗୁ ଚାଷୀକୁଳ ଆଶ୍ୱସ୍ତ

**ଆଳି,୫।୮(ଡି.ଏନ.ଏ)**

ବର୍ଷା ଅଭାବ ଯୋଗୁ ଆଳି ବ୍ଲକର ୩୪ ପଞ୍ଚାୟତରେ ହଜାର ହଜାର ହେକ୍ଟର ଚାଷ ଜମି ଫାଟି ଆଁ କରିଥିଲା। ଅନେକ ଚାଷଜମି ହଳ ହୋଇ ପଡ଼ିଆ ଖାଲି ପଡ଼ିଥିବା ବେଳେ ଅନେକ ଜମିରେ ତଳି ଶୁଖିଯାଇଥିଲା। ଫଳରେ ମରୁଡ଼ି ଆଶଙ୍କା ଦେଖାଦେଇଥିଲା। କିନ୍ତୁ ଗତ ସୋମବାର ଲଘୁଚାପ ପ୍ରଭାବରୁ ବର୍ଷା ହେବାଯୋଗୁ ଚାଷୀ ସାମାନ୍ୟ ଆଶ୍ୱସ୍ତ ହୋଇଛି। ଶୁଖିଲା ପଡ଼ିଥିବା ଚାଷ ଜମିରେ ପାଣି ଜମିଛି। ଏହାଦେଖି ଚାଷୀ ତଳି ରୋଇବା କାର୍ଯ୍ୟ ଆରମ୍ଭ କରିଛନ୍ତି।


ଚାଷୀ ବିଲରେ ତଳି ରୋଉଛନ୍ତି।

# ଥିଲାବାଲାଙ୍କୁ ମିଳୁଛି ଭୂମିହୀନ ପଟ୍ଟା

**କେନ୍ଦ୍ରାପଡ଼ା ଅଫିସ, ୫।୮**

**ଜିଲାପାଳଙ୍କ ନିକଟରେ ଅଭିଯୋଗ**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ତହସିଲ ଅଞ୍ଚଳରେ କେତେଜଣ ବ୍ୟକ୍ତି ନିଜର ଜମି ଥାଇ ମଧ୍ୟ ଭୂମିହୀନ ଯୋଜନାରେ ସାମିଲ ହୋଇଛନ୍ତି । ପେଟଛେଲା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଏପରି ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେମାନେ ଦାବି କରିଛନ୍ତି। ଏହି ଦାବିପତ୍ର ନକଲ ବିଭିନ୍ନ ସରକାରୀ ଅଧିକାରୀଙ୍କ ନିକଟକୁ ଚିଠି ଯୋଗେ ଦିଆଯାଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ଅମିତାଭ ଚାନ୍ଦ କୁହନ୍ତି, ଜନସାଧାରଣଙ୍କ ବାସସ୍ଥାନ ପରି ମୌଳିକ ଆବଶ୍ୟକତାକୁ ପୂରଣ ପାଇଁ ଭୂମିହୀନଙ୍କୁ ସ୍ଥାନ ଚିହ୍ନଟ ସହ ପଟ୍ଟା ଯୋଗାଇ ଦେଉଛନ୍ତି । ତେବେ ମହାକାଳପଡା ତହସିଲ ଅଞ୍ଚଳରେ ଏହାର ଦୁରୁପଯୋଗ ହେଉଛି । ଖରିନାସୀ ମୌଜା(ଖାତା ନଂ- ୬୭/୩୭)ରେ ଦିଆଯାଇଥିବା ହିତାଧିକାରୀଙ୍କର ୨୦ ଏକରରୁ ଅଧିକ ସମ୍ପତ୍ତି ରହିଛି । ଏଥିସହ ଏହି ପରିବାରର ରାମନଗର ଅଞ୍ଚଳରେ ବହୁତାଲା ବିଶିଷ୍ଟ ଘର, ଲେନ୍ଦ୍ ବ୍ୟବସାୟ ସହ ୪ ଚକିଆ ଗାଡି ଅଛି। ଏସବୁ ସୂଚନା ଅଧିକାର ଆଇନବଳରେ ଜଣାପଡ଼ିଛି। ଏହି ପରିବାର ପରି ବହୁ ବ୍ୟକ୍ତିଙ୍କୁ ଭୂମିହୀନ ଦର୍ଶାଇ ଘର ପାଇଁ ପଟ୍ଟା ଦିଆଯାଇଛି ବୋଲି ଅଭିଯୋଗକାରୀ ଚାନ୍ଦ ପ୍ରକାଶ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପେଟଛେଲା ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ । ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଅଭିଯୋଗର ସତ୍ୟତାକୁ ନେଇ ତଦନ୍ତ ହେବ। ଅନିୟମିତତା ଥିଲେ କାର୍ଯ୍ୟାନୁଷ୍ଠାନ ହେବ।

# ସନ୍ତାନଙ୍କ ଶିକ୍ଷାକୁ ନେଇ ଦ୍ୱନ୍ଦ୍ୱରେ ପ୍ରବାସୀ

**କେନ୍ଦ୍ରାପଡ଼ା ଅଫିସ, ୫।୮**

- ଲଗାତର ତାଲାବନ୍ଦ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଛି
- ଅନ୍ଧାରକୁ ଠେଲି ହୋଇଯାଉଛି ପିଲାଙ୍କ ଭବିଷ୍ୟତ

କରୋନା ମହାମାରୀରେ ଜୀବନ ଓ ଜୀବିକାକୁ ନେଇ ସଂଘର୍ଷ କରୁଥିବା ପ୍ରବାସୀ ସନ୍ତାନଙ୍କ ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି । ପ୍ରବାସ ଶିକ୍ଷାୟତନରେ ଅଭ୍ୟସ୍ତ ଶିକ୍ଷାର୍ଥୀ ପୈତୃକ ଗ୍ରାମରେ ଶିକ୍ଷାକୁ ନେଇ ଥିବା ଦ୍ୱନ୍ଦ୍ୱ ମା'ବାପାଙ୍କ ଚିନ୍ତା ବଢ଼ାଇଛି। ଲଗାତର ତାଲାବନ୍ଦ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଥିବା ବେଳେ ସନ୍ତାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି।

ରାଜନଗର ବ୍ଲକ କୋଇଲିପୁର ଗ୍ରାମର ସନତ କୁମାର ଦାସ କହନ୍ତି, ପରିବାର ସହିତ ସେ ସୁରଟର ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ । ତାଙ୍କର ଦୁଇପୁଅଙ୍କ ମଧ୍ୟରୁ ଏକ ଘରୋଇ ସ୍କୁଲରେ ଜଣେ ଷ୍ଟାଣ୍ଡାର୍ଡ ୬ରେ ପଢୁଥିବା ବେଳେ ଜଣେ ଷ୍ଟାଣ୍ଡାର୍ଡ ୩ରେ ପଢ଼ନ୍ତି । ଇତିମଧ୍ୟରେ ଦୁହିଙ୍କ ପରୀକ୍ଷା ଫଳ ବାହାରି ସାରିଛି। ସେମାନେ ଉପରକ୍ଲାସ୍‌କୁ ଯାଇଛନ୍ତି । ସ୍କୁଲ ପକ୍ଷରୁ ପିଲାଙ୍କ ରିଆଡ୍‌ମିଶନ ପାଇଁ ବାରମ୍ବାର ଫୋନ ଆସୁଛି । ତେବେ ଗତ ମେ ୧୦ ତାରିଖରୁ ନିଜ ଗ୍ରାମକୁ ଆସି କର୍ମସ୍ଥଳକୁ ଫେରି ପାରୁନାହାନ୍ତି । ଏଥିସହିତ ସଂପୃକ୍ତ କର୍ମସ୍ଥଳ ତାଲା ପଡିଥିବାରୁ ସେଠାକୁ ଫେରିବା ସମ୍ଭବ ନୁହେଁ। ପିଲାମାନେ ହିନ୍ଦୀ ଓ ଇଂରାଜୀ ମିଡ଼ିୟମର ହୋଇଥିବାରୁ ସ୍ଥାନୀୟ ଭାଷା ସହ ଆଦୌ ଜଡିତ ହୋଇପାରୁନାହାନ୍ତି। କରୋନା ମହାମାରୀ ଜୀବନ ଓ ଜୀବିକା ସହିତ ପିଲାଙ୍କ ଭବିଷ୍ୟତ ଅନ୍ଧାର କରିଦେଇଛି। କେରଳରୁ ଫେରିଥିବା ଆଳିର ସୂର୍ଯ୍ୟନାରାୟଣ ମହାନ୍ତି କୁହନ୍ତି, ଓଡ଼ିଶାରେ ଶିକ୍ଷା ପ୍ରତି ଏତେ ଯତ୍ନବାନ ନୁହନ୍ତି। ଶିକ୍ଷାନୁଷ୍ଠାନରେ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଥିବାରୁ ପାଠପଢ଼ା କେବେ ଆରମ୍ଭ ହେବ ତାହାର ସଠିକତା ନାହିଁ। ଅପରପକ୍ଷେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ପକ୍ଷରୁ ଅନ୍‌ଲାଇନ କ୍ଲାସ୍ ଆରମ୍ଭ ହୋଇଥିଲେ ମଧ୍ୟ ନେଟ୍‌ୱର୍କ ସମସ୍ୟା ରହିଛି। ପିଲାଙ୍କୁ କୋଚିଂ କ୍ଲାସକୁ ପଠାଇବା ପାଇଁ ଚାହୁଁଥିଲେ ମଧ୍ୟ କରୋନା ସଂକ୍ରମଣ ଭୟ ରହୁଛି। କେରଳ ଓ ଓଡିଶାର ଶିକ୍ଷାନୀତିରେ ବହୁତ ଫରକ ଥିବାରୁ ପିଲାମାନେ ଶିକ୍ଷାଗ୍ରହଣ କରିପାରୁ ନ ଥିବା ସେ କ୍ଷୋଭର ସହ କହିଛନ୍ତି। ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହନ୍ତି, ଜିଲାରେ କର୍ମନିଯୁକ୍ତି ସୁଯୋଗ ନାହିଁ। କୃଷି ଅର୍ଥନୀତିରେ ଚାଲୁଥିବା ଏହି ଜିଲାରେ ବିଭିନ୍ନ ସମସ୍ୟା ପାଇଁ ଯୁବବର୍ଗ କର୍ମନିଯୁକ୍ତି ପାଇଁ ପ୍ରବାସକୁ ଯାଉଛନ୍ତି । କରୋନା ମହାମାରୀ ଆରମ୍ଭ ପରେ ଅଦ୍ୟାବଧି ୬୪ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଜିଲାକୁ ଆସିଥିବା ସରକାରୀ ତଥ୍ୟ କହୁଥିବା ବେଳେ ବାସ୍ତବିକ ଲକ୍ଷାଧିକ ଲୋକ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୩୦ ହଜାର ସପରିବାରେ ପ୍ରବାସରେ ଥିଲେ। କରୋନା ପାଇଁ ଘରକୁ ଫେରିବା ପରେ ପିଲାଙ୍କ ଶିକ୍ଷା ଏବେ ଚିନ୍ତାର କାରଣ ହୋଇଛି । ବହୁ ଗରିବ ଲୋକଙ୍କ ପାଖରେ ମୋବାଇଲ ଫୋନ ନାହିଁ। ସେହିପରି ଜିଲାର ଉପାନ୍ତ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ଅଛି। ଅନ୍‌ଲାଇନ କ୍ଲାସ୍ ଏହି ଜିଲାରେ ସଫଳ ହେବା ଅସମ୍ଭବ ବୋଲି ସେ ମତ ଦେଇଛନ୍ତି । ଶିକ୍ଷାନୁଷ୍ଠାନଗୁଡିକୁ ତୁରନ୍ତ ଖୋଲିବା ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ମହାମାରୀ ସଂକ୍ରମଣ ଭୟ ଅଦ୍ୟାବଧି କମିନାହିଁ। ଏଥିପାଇଁ ବିଦ୍ୟାଳୟରେ ଅନ୍‌ଲାଇନ କ୍ଲାସ୍ ଆରମ୍ଭ ହୋଇଛି। ଏ ନେଇ ଶିକ୍ଷା ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଆସିଲେ ତାହା ଜିଲାରେ କାର୍ଯ୍ୟକାରୀ ହେବ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

SMS SENDING WORK
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/- ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7326805892

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ - ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମଧ୍ୟବିତ୍ତ ପରିବାର ଚିହ୍ନଟ ଦାବି

**କେନ୍ଦ୍ରାପଡ଼ା ଅଫିସ, ୫।୮:** ମଧ୍ୟବିତ୍ତ ପରିବାର ଚିହ୍ନଟ ପାଇଁ କେନ୍ଦ୍ରାପଡ଼ା ଜିଲାରେ ଦାବି ହୋଇଛି। ଏହି ମର୍ମରେ କେନ୍ଦ୍ରାପଡା ବ୍ଲକ କଂସାର ପଞ୍ଚାୟତ ଏଣ୍ଡର ଗ୍ରାମର ସାଗର କୁମାର ଜେନାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ବୁଧବାର ସହକାରୀ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସାଗର କହିଛନ୍ତି, କରୋନା ମହାମାରୀ ରାଜ୍ୟବାସୀଙ୍କ ଜୀବନ ଓ ଜୀବିକା ଉପରେ ପ୍ରଭାବ ପକାଇଛି। ସାଧାରଣ ବର୍ଗଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ସହଯୋଗ ଯୋଗାଇ ଦେଉଥିବା ବେଳେ ମଧ୍ୟବିତ୍ତ ପରିବାର ଅଦ୍ୟାବଧି ଚିହ୍ନଟ ହୋଇନାହାନ୍ତି। ଫଳରେ ସେମାନେ ସମସ୍ୟା ମଧ୍ୟରେ ଅଛନ୍ତି। ତୁରନ୍ତ ମଧ୍ୟବିତ୍ତ ପରିବାରକୁ ଚିହ୍ନଟ କରି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉ। ସେହିପରି ସ୍କୁଲ କଲେଜର ଦେୟ, ଜଳକର, ବିଦ୍ୟୁତ୍ କର ଆଦି ଛାଡ଼ ସହିତ ଓଡିଶାରେ ଦୀର୍ଘଦିନ ଧରି ବନ୍ଦ ଥିବା ଶିଳ୍ପର ପୁନରୁଦ୍ଧାର ପାଇଁ ଦାବି କରାଯାଇଥିବା ସାଗର କହିଛନ୍ତି।

### ୪୨.୮୬ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ, ୫।୮:** ଜଗତ୍‌ସିଂହପୁର ଜିଲାରେ ବ୍ରାଉନସୁଗାର କାରବାର ର୍ୟାକେଟ୍ ସକ୍ରିୟ ହୋଇଛନ୍ତି। କଟକ ଓ କେନ୍ଦ୍ରାପଡ଼ା ଜିଲା ଦେଇ ଜିଲାକୁ ବ୍ରାଉନ ସୁଗାର ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଜିଲା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଅବ୍ୟାହତ ରହିଥିଲେ ସୁଦ୍ଧା ବଡ଼ ଧରଣର ସଫଳତା ବିଶେଷକରି କିଙ୍ଗପିନ୍‌ଙ୍କୁ ଧରିବା ସମ୍ଭବ ହୋଇପାରିନାହିଁ। ତେବେ ବୁଧବାର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଇଟାପଡ଼ା ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୨.୮୬ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୪.୫ ଲକ୍ଷ ଟଙ୍କା ହେବ ବୋଲି ଜିଲା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାମଲାରେ ଇଟାପଡ଼ାର ନିରଞ୍ଜନ ମହାନ୍ତିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଗୁହାଳିରେ ବଢୁଛି ଚୋରାମଦ କାରବାର

**ସିଂହପୁର, ୫।୮ (ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ଅଧୀନ ରାହସ ଗୁହାଳିରେ ବ୍ୟାପକ ଚୋରାମଦ କାରବାର ହେଉଥିବା ଅଭିଯୋଗ ହୋଇଛି। ଚୋରା ବ୍ୟବସାୟୀ ଖୁଲମଖୁଲା ମଦ ବିକ୍ରି କରୁଥିଲେ ବି ପୋଲିସ କିମ୍ବା ଅବକାରୀ ବିଭାଗ ଏସମ୍ପର୍କରେ କିପରି ଖବର ପାଉନି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନ ଦ୍ୱିପ୍ରହରେ ଚୋରା ମଦ କାରବାର ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧିପାଉଛି। ଫଳରେ ଏହି ରାସ୍ତା ଦେଇ ଯା'ଆସ କରିବା ପାଇଁ ଲୋକମାନେ ନିରାପଦ ମଣୁନାହାନ୍ତି। ଏ ଦିଗରେ ବିଞ୍ଝାରପୁର ପୋଲିସ ଓ ଯାଜପୁର ଏସ୍‌ପି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଗତ୍‌ସିଂହପୁର ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ କୋଭିଡ୍ ବାଧକ

**ଜଗତ୍‌ସିଂହପୁର ଅଫିସ, ୫।୮**




■ଧାର୍ଯ୍ୟ ସମୟ ମଧ୍ୟରେ ସରିଲାନି
■୨୦୧୮ରେ ରାଜିନାମା ହୋଇଥିଲା

ଜଗତ୍‌ସିଂହପୁର ସହରରେ ଟ୍ରାଫିକ ସମସ୍ୟାଠାରୁ ବର୍ଜ୍ୟବସ୍ତୁ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହାର ସମାଧାନ ପାଇଁ ରାଜ୍ୟ ସରକାର ୨୦୧୭ରେ ସହରର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସ୍ଥିର କରିଥିଲେ। ୨୦୧୮ ମେ ୬ରେ ଚିଠା ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ବାଙ୍ଗାଲୋରସ୍ଥିତ ସ୍କାଏ ଗ୍ରୁପ ସହ ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆର୍‌ଆଇଟି)ର ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ରାଜିନାମା ଅନୁଯାୟୀ ୨୩ ଜୁଲାଇ ୨୦୧୯ ମଧ୍ୟରେ ପ୍ଲାନ ପ୍ରସ୍ତୁତ ହେବା କଥା। ମାତ୍ର ଅଦ୍ୟାବଧି ତାହା ହୋଇପାରିନି। କୋଭିଡ୍ ସଂକ୍ରମଣ ଯୋଗୁ ଚିଠା ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଓଡ଼ିଶା ଟାଉନ ପ୍ଲାନିଂ ନିର୍ଦ୍ଦେଶାଳୟ ଅଧୀନ ଜେଆର୍‌ଆଇଟି ଜଗତ୍‌ସିଂହପୁର ସହରର ଉନ୍ନୟନ ପାଇଁ କାମ କରୁଛି। ସହର ସମେତ ଏହାର ବ୍ଲକ, ବାଲିକୁଦା, ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି ବ୍ଲକ ଅଞ୍ଚଳର ୯୩ଟି ରାଜସ୍ୱ ମୌଜାର ୧୧୪.୫୩ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ଏହି ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ। ବିଶେଷକରି ଜଗତ୍‌ସିଂହପୁର ବ୍ଲକର ପୁନଙ୍ଗ, ପଳାଶୋଳ, ଯଁକଟି, ଯଶୋବନ୍ତପୁର ସାଁପୁର, ତରଡ଼ାପଡ଼ା, ଓଡ଼ିଶୋ, ବଳରାମପୁର, ମୁଦୁପୁର, ମଣ୍ଡାସାହି ପଞ୍ଚାୟତକୁ ନୂଆକରି ମାଷ୍ଟର ପ୍ଲାନ୍‌ରେ ସାମିଲ କରାଯିବ। ଯୋଜନାରେ ଉପଯୁକ୍ତ ରାସ୍ତା, ଡ୍ରେନେଜ୍ ବ୍ୟବସ୍ଥା ଅନୁଧ୍ୟାନ କରି ସହରାଞ୍ଚଳର ସ୍ଥିତି, ସମସ୍ୟା ଓ ଏହାର ସମାଧାନ ପାଇଁ ବାଟ ବାହାର କରାଯିବ। ମୁଖ୍ୟ କଥା ହେଲା ସାଟେଲାଇଟ୍ ଚିତ୍ର ଏବଂ ଜିଆଇଏସ୍ ପ୍ଲାଟଫର୍ମରେ ରାଜସ୍ୱ କାଡାଷ୍ଟ୍ରିଆଲ ମ୍ୟାପ୍‌କୁ ଦେଖି ଜମିର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ ଦିଆଯିବ। ସ୍ଥାନ, ପାଣିପାଗ, ପ୍ଲଟ ଅନୁଯାୟୀ ଜମିର ବ୍ୟବହାର, ପରିବେଶଜନିତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଲୋକସଂଖ୍ୟା, ଲିଙ୍ଗ ଅନୁପାତ, ଶିକ୍ଷାହାର ଆଦିକୁ ଅନୁଧ୍ୟାନ କରାଯିବ। ବାସୋପଯୋଗୀ ଘର, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସୁବିଧା ଆଦି ଉପରେ ଗୁରୁତ୍ୱ ଦିଆଯିବ। ଜଳ ଯୋଗାଣ, ବର୍ଷା ଜଳ ବିନିଯୋଗ, ଡ୍ରେନେଜ୍, ସ୍ୱେରେଜ, ବିଦ୍ୟୁତ୍ ଯୋଗାଣ, ପୋଲିସ, ଅଗ୍ନିଶମ, ଶ୍ମଶାନ, ମୃତ୍ତିକା ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟଟନ ବିଷୟରେ ଧ୍ୟାନ ଦିଆଯିବ। ପ୍ରାଥମିକ ଓ ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ ସମୟରେ ପରିବେଶ ଯଥା ଜଳାଶୟ, ପ୍ରାକୃତିକ ନାଳ, ଜଙ୍ଗଲ, ବୃକ୍ଷଲତା, ଖାଲୁଆ ଜମି, କୃଷି ଜମି, ପ୍ରଦୂଷଣ ମାତ୍ରା, ପର୍ଯ୍ୟଟନ ସ୍ଥଳ ଆଦିକୁ ପ୍ରାଥମିକତା ଦିଆଯିବ। ଶେଷରେ କେଉଁସବୁ ପ୍ରକଳ୍ପ କରାଯିବା ବାଧ୍ୟତାମୂଳକ ଓ କେଉଁଟା ଇଚ୍ଛାଧୀନ ତାହା ସ୍ପଷ୍ଟ କରାଯିବ। କେଉଁ ପ୍ରକଳ୍ପ ଦୀର୍ଘମିଆଦୀ ଏବଂ କେଉଁଟା କମ୍ ସମୟ ପାଇଁ ତା' ଉପରେ ପ୍ରସ୍ତାବ ଦିଆଯିବ। କିଛି ବି ଜମି ଯେପରି ଅଦରକାରୀ ନ ରୁହେ ତା' ଉପରେ ଗୁରୁତ୍ୱ ଦିଆଯିବ। ଏସବୁକୁ ଦେଖି ପ୍ରଥମେ ଚିଠା ମାଷ୍ଟର ପ୍ଲାନ୍ ଓ ପରେ ସ୍କାଏ ଗ୍ରୁପ୍ ସହାୟତାରେ ଜେଆର୍‌ଆଇଟି ସମସ୍ତ ବିଭାଗ ସହ ବୈଠକ କରି ପରାମର୍ଶ ଲୋଡିବ। ଏଥିସହ ଜନସାଧାରଣଙ୍କ ଅଭିଯୋଗ ଓ ପରାମର୍ଶ ନିଆଯିବ। ଏସବୁ ପ୍ରକ୍ରିୟା ପରେ ଚୂଡାନ୍ତ ମାଷ୍ଟର ପ୍ଲାନ ଘୋଷଣା ହେବ। ଏତେ କାମ ବାକି ଥିବାବେଳେ ଚିଠା ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜେଆର୍‌ଆଇଟି ସଚିବ କୀର୍ତ୍ତନ ବିହାରୀ ନାୟକ କହିଛନ୍ତି, ୨୦୧୦-୧୨ରେ ଓରସାକ୍ ତରଫରୁ ଜଗତ୍‌ସିଂହପୁର ସହର ସମେତ ଅନ୍ୟ ଅଞ୍ଚଳରୁ ଉତ୍ତୋଳିତ ସାଟେଲାଇଟ୍ ଚିତ୍ର ସମ୍ପୃକ୍ତ ସଂସ୍ଥାକୁ ଦିଆଯାଇଥିଲା। କିନ୍ତୁ ସମ୍ପୃକ୍ତ ସଂସ୍ଥା ୨୦୧୯ ଡିସେମ୍ବର ସୁଦ୍ଧା ଚିଠା ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ସମର୍ଥ ହୋଇନାହିଁ। ପରେ କୋଭିଡ୍ ଯୋଗୁ ସମ୍ପୃକ୍ତ ସଂସ୍ଥା କିଛି କାମ କରିପାରିନାହିଁ। କେବେ ଆରମ୍ଭ କରିବ ତାହା ମଧ୍ୟ ଏବେ କହିହେଉନାହିଁ ବୋଲି ନାୟକ କହିଛନ୍ତି।

### ଟ୍ୟାଙ୍କଲର ଧକ୍କାରେ ବାଇକ୍ ଆରୋହୀ ମୃତ

**ପାରାଦୀପ,୫।୮(ସ୍ୱ.ପ୍ର.)**

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ୫ ନଂ(କ) ଜାତୀୟ ରାଜପଥର ବନ୍ଦର ଜଳାଶୟ ନିକଟରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ଏକ ଟ୍ୟାଙ୍କଲ୍‌ର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁଜଙ୍ଗ ଥାନା ଅଧୀନ ପୋଖରିଆପଡ଼ାର ଅଜିତ ରାଉଳ(୩୦)। ସେ ପାରାଦୀପ ମାଛଧରାବନ୍ଦର ପରିଚାଳନା ସମିତିରେ ଜଣେ କର୍ମଚାରୀ ଥିଲେ। ବୁଧବାର କାମ ସାରି ଘରକୁ ଫେରୁଥିବା ବେଳେ ଟ୍ୟାଙ୍କଲର ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଡ଼ି ତାଙ୍କୁ ଧକ୍କା ଦେବା ସହ ଘୋଷାରି ରାସ୍ତାର ଡିଭାଇଡର ଉପରକୁ ନେଇ ଯାଇଥିଲା। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଦୁର୍ଘଟଣାସ୍ଥଳ ରାସ୍ତାରେ ଗଭୀର ଗର୍ତ୍ତ ଯୋଗୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି। ଦୁଇ ବର୍ଷ ମଧ୍ୟରେ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ୨୦ରୁ ଅଧିକ ଦୁର୍ଘଟଣା ଘଟିଲାଣି। ରାସ୍ତାରେ ଥିବା ଗର୍ତ୍ତରେ ବର୍ଷା ପାଣି ଭର୍ତ୍ତି ହୋଇଥିବାରୁ ବାଇକ ଚାଳକ ଅଜିତ ଖାଲରେ ପଡି ଯାଇଥିଲେ।

## ରେଲୱେ ସାଇଡିଂ ଯୋଗୁ ପ୍ରଦୂଷଣ ବଢୁଛି

**କଳିଙ୍ଗନଗର, ୫।୮ (ଡି.ଏନ୍.ଏ.)**

**ଏସ୍‌ପିସିବି ସଦସ୍ୟ ସଚିବଙ୍କ ନିକଟରେ ସରପଞ୍ଚଙ୍କ ଅଭିଯୋଗ**

ମାନପୁର ରେଲୱେ ସାଇଡିଂ ଯୋଗୁ ସ୍ଥାନୀୟ ଅଞ୍ଚଳର ପ୍ରଦୂଷିତ ହେଉଥିବା ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ସଦସ୍ୟ ସଚିବଙ୍କୁ ତ୍ରିଜଙ୍ଗା ସରପଞ୍ଚ କାହ୍ନୁଚରଣ ଦାସ ଅଭିଯୋଗ କରିଛନ୍ତି। ରେଲୱେ ସାଇଡିଂର କୋଇଲା ଗୁଣ୍ଡ ଉଡି ସ୍ଥାନୀୟ ଅଞ୍ଚଳ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି ଏବଂ ବର୍ଷାଦିନେ କୋଇଲା ଗୁଣ୍ଡ ସବୁ ଧୋଇଯାଇ ମିଶି ସ୍ଥାନୀୟ ଚାଷଜମିରେ ମିଶୁ ଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ଅଭିଯୋଗ ପତ୍ରର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି।

## ବର୍ଷାଜଳରେ ବୁଡ଼ିରହିଛି ଧାନଫସଲ



ପୋଲତଳେ ବାଉଁଶରେ ଦଳ ଲାଗିଥିବାରୁ ଜଳ ନିଷ୍କାସିତ ହୋଇପାରୁନାହିଁ।

**ଡେରାବିଶ,୫।୮(ସ୍ୱ.ପ୍ର.)**

ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଡେରାବିଶ ବ୍ଲକ ଅଧୀନ ୪ ପଞ୍ଚାୟତର ଶହ ଶହ ଏକର ଚାଷଜମିକୁ ବୁଡାଇ ରଖିଛି। ଡେରାବିଶ କଲେଜଠାରୁ ବିଶୋକ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର କୁଆଁରପୁରଠାରେ ଥିବା ୧୯ ନମ୍ବର ଡ୍ରେନେଜ୍‌କର୍‌ରେ ବିଭାଗୀୟ କର୍ତ୍ତୃପକ୍ଷ ଏକ ପୋଲ ନିର୍ମାଣ କରିଥିଲେ। ନିର୍ମାଣାଧୀନ ଏହି ପୋଲର ଛାତ ଗତ ଜୁନ୍ ମାସରେ ଶେଷ ହୋଇଥିଲା। ମାତ୍ର ଠିକାସଂସ୍ଥାର ବେପରୁଆ ନୀତି ଯୋଗୁ ପୋଲରେ ବ୍ୟବହୃତ ସେଣ୍ଟ୍ରିଂ ଖୋଲାଯାଇନାହିଁ। ନୂଆକରି କଂକ୍ରିଟ୍ ଛାତ ତଳେ ବାଉଁଶ ଡିରା ଦିଆଯାଇଛି। ମଙ୍ଗଳବାରଠାରୁ ଲଘୁଚାପ ଜନିତ ବର୍ଷା ଜଳରେ ଡ୍ରେନେଜ୍‌କର୍‌ର ଉପର ମୁଣ୍ଡରୁ ଦଳଗୁଡ଼ିକ ଆସି ବାଉଁଶରେ ଲାଗିଥିବାରୁ ଜଳ ନିଷ୍କାସିତ ହୋଇପାରି ନ ଥିଲା। ଫଳରେ ପୋଲର ଉପରମୁଣ୍ଡରେ ଥିବା ଜମିରେ ପାଣି ଜମି ରହିବା ସହ କେତେଜଣଙ୍କ ଘରେ ପାଣି ପଶିଛି। ସେଣ୍ଟ୍ରିଂରେ ବ୍ୟବହୃତ ବାଉଁଶ ଖୋଲାଯିବା ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସର୍ବେନ୍ଦୁ ସୁତାର କହନ୍ତି, ଠିକାଦାରଙ୍କୁ ଜଣାଇଲେ ସେ ବାଉଁଶ ଖୋଲିବା ବ୍ୟବସ୍ଥା କରିବେ। ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲା ଚାଷୀ ଓ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଦାବି ଜଣାଇଛନ୍ତି।

### କରୋନା ଆକ୍ରାନ୍ତ ସଂଖ୍ୟା ୮୦୦ ଟପିଲା

**ଜଗତ୍‌ସିଂହପୁର ଅଫିସ, ୫।୮**

ଜଗତ୍‌ସିଂହପୁର ଜିଲାରେ ୨ ଦିନରେ ୪୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୮୦୧ରେ ପହଞ୍ଚିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଜିଲାରେ ୨୦ ପୁଣି ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଲିକୁଦାରୁ ୩, ବିରିଡ଼ି ୩, ଜଗତ୍‌ସିଂହପୁର ୬, କୁଜଙ୍ଗ ୩, ପାରାଦୀପ ୨, ତିର୍ତ୍ତୋଲ ୨ ଓ ରଘୁନାଥପୁରରୁ ଜଣେ ରହିଛନ୍ତି। ଅନୁରୂପଭାବେ ୪ ତାରିଖରେ ମଧ୍ୟ ୨୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରୁ ସର୍ବାଧିକ ୧୦ ଜଣ ସଂକ୍ରମିତ ହୋଇଛନ୍ତି।

### ୪ ହାଇୱା ଜବତ, ୪୨ ଜରିମାନା ଆଦାୟ

**ରସୁଲପୁର, ୫।୮ (ଡି.ଏନ୍.ଏ.)**

ଲଘୁ ଖଣିଜ ଚୋରା ଚାଲାଣ ଅଭିଯୋଗରେ ରସୁଲପୁର ତହସିଲ ଅଞ୍ଚଳରୁ ୪ଟି ହାଇୱା ଜବତ ହୋଇଛି। ବେଆଇନ ଭାବେ ଚାଲାଣ ହେଉଥିବା ମୋରମ ଓ ଚିପ୍ସ ଗାଡ଼ିକୁ ଜବତ କରାଯିବା ସହ ୪୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ ଦୁର୍ଜୟ ଷଡ଼ଙ୍ଗୀ, ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖ କୁଆଖିଆ ଥାନା ପୋଲିସ ସହାୟତାରେ ୧୬ ନଂ. ଜାତୀୟ ରାଜପଥ ଉପରେ ଚଢ଼ାଉ କରି ସେହି ୪ ଗାଡ଼ିକୁ ଅଟକାଇଥିଲେ। ଗାଡି ଚାଳକମାନେ ଲଘୁଖଣିଜ ପରିବହନକୁ ନେଇ ଆଇନଗତ କାଗଜପତ୍ର ଦେଖାଇ ନ ପରିବାରୁ ସେମାନଙ୍କୁ ଜରିମାନା ଆଦାୟ କରାଯାଇ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଥିଲା।

## ଯାଜପୁର ଜିଲାରେ ଟେଷ୍ଟିଂ, ଟ୍ରେସିଂକୁ ଗୁରୁତ୍ୱ



ବୈଠକରେ ସଚିବ ହେମନ୍ତ କୁମାର ଶର୍ମା, ରାଜ୍ୟ ସହରାଞ୍ଚଳ ଗୃହ ନିର୍ମାଣ ମିଶନ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀମାନେ।

**ଯାଜପୁର ଅଫିସ/ଯାଜପୁର ଟାଉନ୍, ୫।୮ (ଡି.ଏନ୍.ଏ.)**

**ଦୁଇ କରୋନା ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା**

ଯାଜପୁର ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ୧୪୦୦ ଟପିଛି। ବର୍ତ୍ତମାନ ବ୍ଲକସ୍ତର ପର୍ଯ୍ୟନ୍ତ ଟେଷ୍ଟିଂ ହେଉଥିବା ବେଳେ ସଂକ୍ରମିତ ସଂଖ୍ୟା ଦେଖି ପଞ୍ଚାୟତ, ଗ୍ରାମ୍ୟ ଓ ୱାର୍ଡ ଟେଷ୍ଟିଂକୁ ସମ୍ପ୍ରସାରଣ ଏବଂ ଦୈନିକ ୧୨୦୦ ପର୍ଯ୍ୟନ୍ତ ଟେଷ୍ଟିଂ କରାଯିବାକୁ କରୋନା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେଇଛନ୍ତି। ବୁଧବାର ଦୁଇ ପର୍ଯ୍ୟବେକ୍ଷକ ଶିଳ୍ପ ବିଭାଗ ସଚିବ ହେମନ୍ତ କୁମାର ଶର୍ମା ଓ ରାଜ୍ୟ ସହରାଞ୍ଚଳ ଗୃହ ନିର୍ମାଣ ମିଶନ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ ଯାଜପୁର ଜିଲା ଗସ୍ତ କରିଥିଲେ। ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଗଷ୍ଟ ମାସକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାସ ଭାବେ ଗ୍ରହଣ କରି ଅନୁରୂପ ପଦକ୍ଷେପ ନେବାକୁ ସେମାନେ ପରାମର୍ଶ ଦେଇଥିଲେ। ଅଧିକ ପରୀକ୍ଷା କରିବା ଦ୍ୱାରା ଅଧିକ ପଜିଟିଭ୍ ବାହାରିବେ। ତେଣୁ ଏଥିରେ ଭୟଭୀତ ନ ହୋଇ ସଚେତନ ହେବା ଓ ଲକ୍ଷଣ ଥିଲେ ତୁରନ୍ତ ଚିକିତ୍ସା କରାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସଗୁଡିକରେ ଅକ୍ସିଜେନ ସିଲିଣ୍ଡର ନିଶ୍ଚିତ ରଖିବାକୁ ସେମାନେ ନିର୍ଦ୍ଦେଶ ଦେଇଥିଲେ। ଜିଲାର ଉଚ୍ଚତର ଶିକ୍ଷା (ପି.ଜି.) ପାଇଁ ଯାଇଥିବା ଡାକ୍ତରମାନଙ୍କୁ ସେମାନଙ୍କ ପୁରୁଣା ସ୍ଥାନକୁ ଫେରାଇ ଅଣାଯିବ ବୋଲି ସେମାନେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାରେ କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଜିଲାରେ ୭୧.୯ ଭାଗ ଲୋକ ଟିଏମ୍‌ସି, ୨୦ ଭାଗ ଲୋକ କଣ୍ଟେନମେଣ୍ଟ ଜୋନ୍ ଓ ୯ ଭାଗ ଲୋକ ଅନ୍ୟାନ୍ୟ ସ୍ଥାନରୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ୧୪୦୬ ଜଣ ସଂକ୍ରମିତ ହୋଇଥିବା ବେଳେ ୧୧୪୧ ରୁ ଉର୍ଦ୍ଧ୍ୱ ସୁସ୍ଥତା ଲାଭ କଲେଣି। ସୁସ୍ଥଙ୍କ ମଧ୍ୟରୁ ୧୨୭ ଜଣ ପ୍ଲାଜମା ଦାନ ପାଇଁ ସମ୍ମତି ଦେବା ଜିଲା ପାଇଁ ବଡ ଉପଲବ୍ଧି ବୋଲି ଜିଲାପାଳ ଦାସ କହିଥିଲେ। ବୈଠକରେ ଜିଲାସ୍ତରର ପ୍ରମୁଖ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୟାଗଡ଼ରେ ୬୦ ନୂଆ ଆକ୍ରାନ୍ତ

**ନୟାଗଡ଼ ଅଫିସ,୫।୮**

ନୟାଗଡ଼ ଜିଲାରେ ବୁଧବାର ୬୦ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୮୨ରେ ପହଞ୍ଚିଛି। ନୂଆ ଆକ୍ରାନ୍ତ ମଧ୍ୟରେ ଭାପୁର ବ୍ଲକର ୩, ଦଶପଲ୍ଲା ୯, ଗଣିଆ ୫, ଖଣ୍ଡପଡ଼ା ୪, ନୟାଗଡ଼ ବ୍ଲକର ୧୭, ନୂଆଗାଁ ୪, ଓଡଗାଁ ୫, ରଣପୁର ୧୦, ନୟାଗଡ଼ ମ୍ୟୁନିସିପାଲିଟିର ୩ ଜଣ ଅଛନ୍ତି ବୋଲି ଜିଲାପାଳ ପୋମା ଟୁଡୁଙ୍କଠାରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଓଡଗାଁ ବ୍ଲକ ଶରଧାପୁର ପଞ୍ଚାୟତର ଆମ୍ବରାପୁର, ମଗରବନ୍ଧ ପଞ୍ଚାୟତର ମଗରବନ୍ଧ, ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ ପଞ୍ଚାୟତକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଜିଲାପାଳ ମଙ୍ଗଳବାର ଘୋଷଣା କରିଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ସଂକ୍ରମଣ ଭୟରେ ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଛି। ତେବେ ଆମ୍ବରାପୁର ଓ ଗୋଡିପଡାରେ କଣ୍ଟେନ୍‌ମେଣ୍ଟ ଜୋନ୍ କାଗଜପତ୍ରରେ ସୀମିତ ରହିଛି। ଏ ଅଞ୍ଚଳରେ ପୋଲିସର ଦେଖା ନ ଥିବାବେଳେ ଗାଁ ମୁଣ୍ଡ ବାଉଁଶ ବାଡ଼ରେ କଣ୍ଟେନ୍‌ମେଣ୍ଟ ଜୋନ୍ ଲେଖାଯାଇ ନାହିଁ।

## ରାହାମା ବଜାର ସ୍ଥିତି ସମୀକ୍ଷା କଲେ ତହସିଲଦାର

**ରାହାମା,୫।୮(ଡି.ଏନ.ଏ.)**

ରାହାମା ବଜାରରେ କୋଭିଡ-୧୯ ନିୟମ ଉଲ୍ଲଂଘନ ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ କୁଜଙ୍ଗ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଏହି ବଜାର ପରିବା ହାଟକୁ କଲେଜ୍ ରୋଡ୍‌କୁ ସ୍ଥାନାନ୍ତର କରିଥିଲେ। ଏଥିଯୋଗୁ ବ୍ୟବସାୟୀ ଆପତ୍ତି ଉଠାଇବା ସହ ବଣିକ ସଂଘ ଓ ପରିବା ବ୍ୟବସାୟୀ ଜିଲାପାଳଙ୍କୁ ଭେଟି ହାଟ ପିଣ୍ଡିରେ ବ୍ୟବସାୟ କରିବାକୁ ଅନୁମତି ଦେବାକୁ ଦାବି କରିଥିଲେ। ତେଣୁ ତହସିଲଦାର ବଜାର ଗସ୍ତ କରି ସ୍ଥିତି ସମୀକ୍ଷା କରିବା ସହ ନିୟନ୍ତ୍ରିତ ବଜାର କମିଟି, ରାହାମା ବଜାର କମିଟି ଓ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ରାହାମା ବଜାର କମିଟି ସଭାପତି ଜଟାଧାରୀ ଦାସ, ସମ୍ପାଦକ ସୁନାକର ବେହେରା, ଉପସଭାପତି ମନୋଜ ସାହୁ, ବାବାଜୀ ସାହୁ ଓ ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥିତି ସମ୍ପର୍କରେ ତହସିଲଦାର ଜିଲାପାଳଙ୍କୁ ରିପୋର୍ଟ ଦେବେ। ଏହାପରେ ଜଲାପାଳ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ହାଟ ହେବ ବୋଲି ତହସିଲଦାର କହିଛନ୍ତି।

## ପୁରୁଣାବସନ୍ତର ୫ନଂ. ୱାର୍ଡ କଣ୍ଟେନ୍‌ମେଣ୍ଟ

**ରଘୁନାଥପୁର, ୫।୮ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ୍ ପୁରୁଣାବସନ୍ତ ପଞ୍ଚାୟତ ୫ନଂ ୱାର୍ଡ ଆଖନସାହି ଓ ଆନନ୍ଦପୁର ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବା ସରପଞ୍ଚ ଚନ୍ଦନା ମହାନ୍ତି ପ୍ରକାଶ କରିଛନ୍ତି। ମଙ୍ଗଳବାର ରାତି ୧୨ଟାରୁ ଶନିବାର ରାତି ୧୨ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବାହାର ବ୍ୟକ୍ତି ଭିତରକୁ ଆସିବା ଏବଂ ଭିତରେ ଥିବା ଗ୍ରାମବାସୀ ବାହାରକୁ ନଯିବା ପାଇଁ ବାରଣ କରାଯାଇଛି। ଏକ ସପ୍ତାହ ତଳେ ଏହି ୱାର୍ଡରୁ ୧୩ ଜଣ ବ୍ୟକ୍ତି କରୋନା ପଜିଟିଭି ଚିହ୍ନଟ ହୋଇଥିଲେ। ମଙ୍ଗଳବାର ପୁଣି ୨୬ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିବା ସରପଞ୍ଚ ମହାନ୍ତି ସୂଚନା ଦେଇଛନ୍ତି।

# ବର୍ଷାରେ ଅର୍ଦ୍ଧନିର୍ମିତ ରାସ୍ତା ଶୋଚନୀୟ

**କେନ୍ଦ୍ରାପଡ଼ା ଅଫିସ, ୫।୮**



ମହାକାଳପଡ଼ାରେ ଶୋଚନୀୟ ହୋଇଥିବା ରାସ୍ତା।

■କେନ୍ଦ୍ରାପଡ଼ା ଜିଲା: ୧୨୩୯ରୁ ନିର୍ମାଣ ହୋଇଛି ମାତ୍ର ୮ ଗ୍ରାମ୍ୟ ରାସ୍ତା
■ଧୋୟାଞ୍ଚଳକୁ ଗମନାଗମନ ଠପ୍
■ମହାକାଳପଡ଼ା ବ୍ଲକର ବହୁ ଗ୍ରାମ ଜରୁରୀ ସେବାରୁ ବଞ୍ଚିତ

କେନ୍ଦ୍ରାପଡ଼ା ଜିଲାରେ ମଙ୍ଗଳବାରଠାରୁ ବର୍ଷା ଲାଗିରହିଛି। ଏଥିଯୋଗୁ ଜିଲାର ବହୁ ରାସ୍ତା ବେହାଲ ହୋଇପଡିଛି। ଅନ୍ୟପକ୍ଷେ ଚଳିତ ଆର୍ଥିକବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୋଟ ୧୨୩୯ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ମଞ୍ଜୁରୀପ୍ରାପ୍ତ ହୋଇଥିଲା। ତେବେ ଇତିମଧ୍ୟରେ ମାତ୍ର ୮ ରାସ୍ତା ନିର୍ମାଣ ସରିଛି। ସେହିପରି ୮୬୪ଟି ରାସ୍ତା ନିର୍ମାଣ ପାଇଁ ସରକାରୀ ମଞ୍ଜୁରୀ ଅପେକ୍ଷାରେ ଅଛି। ଫଳରେ ଜିଲାର ୨୧୦୩ଟି ଗ୍ରାମ୍ୟ ରାସ୍ତା ବର୍ଷାଯୋଗୁ ଯାତାୟାତ ଅନୁପଯୋଗୀ ହୋଇଛି । ଧୋୟାଞ୍ଚଳ ଭାବେ ପରିଚିତ ସିଂହ ଗାଁ ପଞ୍ଚାୟତକୁ ରାସ୍ତାନିର୍ମାଣ ସରି ନ ଥିବାରୁ ଯାତାୟାତ ଠପ୍ ହୋଇଛି। ରାସ୍ତା ଅଭାବରୁ ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଓ ରାଜନଗର ବ୍ଲକର ବହୁ ଗ୍ରାମବାସୀ ଜରୁରୀ ସେବାରୁ ବଞ୍ଚିତ ହୋଇଛନ୍ତି।

ମହାକାଳପଡ଼ା ୟୁଥ୍ କ୍ଲବ ସଭାପତି ସୁନିଲ ଗନ୍ତାୟତ କୁହନ୍ତି, ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଲୁଣା ନଦୀବନ୍ଧ ସୁଦୃଢ଼ୀକରଣ ଆଳରେ ପିଚୁ ଖୋଳାଯାଇ କାମ ଚାଲିଥିଲେ ମଧ୍ୟ ଅଦ୍ୟାବଧି ସରିନାହିଁ। ଲୁଣାନଦୀର କଳପଡାଠାରୁ ରଙ୍ଗାଳ ଗ୍ରାମ, ଚିଡ୍ରୋପ୍ଳାର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ରାସ୍ତା ନିର୍ମାଣ ସରି ନ ଥିବାରୁ ବର୍ଷା ସମୟରେ ଲୋକେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଜଳସମ୍ପଦ ବିଭାଗ ନୁହେଁ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ବ୍ଲକ ପ୍ରଶାସନର ପଞ୍ଚାୟତିରାଜ ଓ ଆଳି ତଟବନ୍ଧ ବିଭାଗର ଅବହେଳା ପାଇଁ ଜିଲାବାସୀଙ୍କ ଗମନାଗମନ ପଥକୁ ବର୍ଷା ବେହାଲ କରୁଛି। ମହାକାଳପଡ଼ା ବ୍ଲକର ସାମାଜିକ କର୍ମୀ ବିଭୂତି ରାଉତ କହନ୍ତି, ଉପାନ୍ତ ଅଞ୍ଚଳରେ ଗମନାଗମନ ସମସ୍ୟା ଦେଶ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ସମାଧାନ ହୋଇ ପାରିନାହିଁ। ମହାକାଳପଡା ଓ ରାଜନଗର ବ୍ଲକ ଅଞ୍ଚଳରେ ଯାତାୟାତ ପଥକୁ ନଦୀ ନାଳ ରୋକୁଥିବା ବେଳେ ବର୍ଷାଦିନେ ଜରୁରୀ ସେବା ମିଳିବା କଷ୍ଟ ହେଉଛି। ଚଳିତ ବର୍ଷର ଲାଗାତର ବର୍ଷା ରାସ୍ତା ଅବସ୍ଥାକୁ ଶୋଚନୀୟ କରିଛି। ଦଶମୌଜି ଅଞ୍ଚଳ ବଡକୁଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ମାଉଣ୍ଟ ପର୍ଯ୍ୟନ୍ତ ରାସ୍ତାରେ ଥିବା ବଡ ଗାଡ଼ ଏବେ ବର୍ଷାପାଣିରେ ଭରପୂର ହୋଇଛି । ଫଳରେ ବଡକୁଳ ଓ କରଞ୍ଜି ପଞ୍ଚାୟତବାସୀ ଏହି ରାସ୍ତାକୁ ଉପଯୋଗ କରିପାରୁ ନାହାନ୍ତି। ବିଜୟନଗର ହାଟଠାରୁ ବିଶ୍ୱାଳ ସାହି, ବିଜୟନଗର ଫେରିଘାଟରୁ କେୟାରବାଙ୍କ, ଗୋଗୁଆ ପଞ୍ଚାୟତର ଗୁଲୁଦୁଆ ଓ କୁରୁଡୁଙ୍ଗା, କଂସାର ବଡାଦାଣ୍ଡୁଆ, ବଗଗହଣ, ପଙ୍କପାଳ, ବଡପାଳ ଆଦି ରାସ୍ତା ଏବେ ଅଗମ୍ୟ ହୋଇଥିବା ସେ ପ୍ରକାଶ କରିଛନ୍ତି। ସିଂହଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଯେନା କହନ୍ତି, ରାସ୍ତା ନିର୍ମାଣ ପାଇଁ ଅନୁଦାନ ପ୍ରାପ୍ତ ହୋଇଥିଲେ ମଧ୍ୟ ଗମନାଗମନ ସମସ୍ୟା ପୂର୍ବବତ ରହିଛି। କଣ୍ଟିଆ ନାଳ ସେତୁ ଓ ଦାଣ୍ଡିସାହିରୁ ସିଂହଗାଁ ରାସ୍ତାରେ ଥିବା ଛୋଟ ପୋଲ କାର୍ଯ୍ୟ ଅଦ୍ୟାବଧି ସରିନାହିଁ। ଚଳିତ ଲଘୁଚାପ ବର୍ଷାରେ ପୋଲ ତଳ ରାସ୍ତାରେ ୬ ଫୁଟ ଉଚ୍ଚର ପାଣି ଜମିରହି ଯାତାୟାତକୁ ଠପ୍ କରିଛି । ଅଧିକ ବର୍ଷା ହେଲେ ବ୍ରାହ୍ମଣୀ ନଦୀରେ ପାଣି ଆସି ଧୋୟା ଅଞ୍ଚଳର ଦୁଃଖ ବଢ଼ାଇବ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ପିଡି ଦିଲୀପ କୁମାର ପରିଡା କୁହନ୍ତି, ରାସ୍ତା ସମସ୍ୟାକୁ ନେଇ ବହୁବାର ବୈଠକ ହୋଇଛି । ଏ ନେଇ ବିଭିନ୍ନ ବିଭାଗକୁ ସଜାଗ କରାଯାଇଛି। ଗତ ଏପ୍ରିଲ ମାସରୁ ଏମ୍‌ଜିଏନ୍‌ଆର୍‌ଇଜିଏକୁ ଗୁରୁତ୍ୱ ଦିଆଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି।

